**ଆଜାଦୀକା ଅମୃତ ମହୋତ୍ସବ**

ବିଷମକଟକ,(ଡି.ଏନ.ଏ.)-ବିଷମକଟକସ୍ଥିତ ମା' ମାର୍କମା +୩ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅଧକ୍ଷ ବି. ରବିଶଙ୍କର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସେନାନି ଗିରିଷ କୁମାର ଯୋଗ ଦେଉଥିଲେ। ସେ କ୍ୟାଡେଟ ଓ ଛାତ୍ରଛାତ୍ରୀମାନଙ୍କୁ ସେନାରେ ଯୋଗ ଦେବାପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପିକା ତଥା କଳା ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏନ୍‌ସିସି କ୍ୟାଡେଟମାନେ ବିଭିନ୍ନ ସ୍ଥାନ ଇନ୍ଦିରା କଲୋନୀ, ଭୁବନୀ କଲୋନୀ ଓ ହନୁମାନ ନଗର ବୁଲି ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ।

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମକରି ଜଣେ ଗିରଫ

ତେନ୍ତୁଲିଖୁଣ୍ଟି,୧୩।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ପୋଲିସ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳର ଟୀକାଧର ଗୌଡ଼ (୨୦)। ପୋଲିସ ସୂଚନାନୁଯାୟୀ, ୧୦ ତାରିଖ ମଧାହ୍ନରେ ଟୀକାଧର ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ କୁର୍‌କୁରେ କିଣିଦେବାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ଘର ଭିତରେ ପୀଡ଼ିତାଙ୍କ ସହ ଅପ୍ରାକୃତିକ ଯୌନ କ୍ରିୟା କରି ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତା ଘରକୁ ଆସି ନିଜ ମା'ଙ୍କୁ ଘଟଣା ସମ୍ପର୍କରେ କହିବା ପରେ ସେ ତେନ୍ତୁଲିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା ପାଇଁ ତାଙ୍କୁ ନବରଙ୍ଗପୁର ପଠାଯାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏ ନେଇ ତେନ୍ତୁଲିଖୁଣ୍ଟି ଥାନାରେ କେସ୍ ନଂ. ୧୪୧/୨୨ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଏସ୍‌ଆଇ ସସ୍ମିତା ପୂଜାରୀ ଏହାର ତଦନ୍ତ କରୁଛନ୍ତି।

### ସାପ କାମୁଡାରେ ବୃଦ୍ଧା ମୃତ

ଗୁଣପୁର,୧୩।୮(ଡି.ଏନ.ଏ.)- ରାୟଗଡା ଜିଲା ଗୁଣପର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧାଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କଣ୍ଡାଗିରି ରତ୍ନାଲୁ(୫୫)। ତାଙ୍କ ଘର ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଉଲାପଦର ଗ୍ରାମରେ। ରତ୍ନାଲୁ ନିଜ ଧାନ ଜମିକୁ ଯାଇଥିବା ବେଳେ ଏକ ସାପ ତାଙ୍କର ହାତକୁ କାମୁଡି ଦେଇଥିଲା। ଘରକୁ ଫେରିବା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁଣପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତତ୍ନାଲୁଙ୍କ ମଅତ୍ୟୁ ହୋଇଥିଲା।

### ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଚନ୍ଦାହାଣ୍ଡି,୧୩।୮ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ପ୍ରଥମ ଶ୍ରେଣୀ ବିଚାରପତି ହିମାଂଶୁ ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ହୋଇଥିବା ଏହି ଲୋକ ଅଦାଲତରେ ୪ଟି ଫୌଜଦାରି ମାମଲା ଫୈସଲା ହୋଇଥିବା ବେଳେ ୧୦ଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ଫୈସଲା ହୋଇଥିଲା। ଲୋକ ଅଦାଲତରେ ଏପିପି ସତିଶ ଚନ୍ଦ୍ର ନାୟକ, ଆଇନଜୀବୀ ମହମ୍ମଦ ହୁସେନ, ହୁମେଶ୍ୱର ହଂସ, କୋର୍ଟ କର୍ମଚାରୀ କେଶରୀ ମନହିରା, ସର୍ବେଶ୍ୱର ପୂଜାରୀ, ଆଶିଷ ସାହୁ, ଭରତ ଦାସ, ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ନଷ୍ଟକଲେ, ଘର ଜାଳିଦେଲେ ବନ ସୁରକ୍ଷା ସମିତି ସଦସ୍ୟ

ଉମରକୋଟ,୧୩।୮(ସ୍ୱ.ପ୍ର.)


ବନସୁରକ୍ଷା ସମିତି ପକ୍ଷରୁ ନଷ୍ଟ କରାଯାଇଥିବା ମକା ଫସଲ ।


ଜଳିଯାଇଥିବା ଗୁହାଳ ।

- ଉଗ୍ରରୂପ ନେଲା ଦୀର୍ଘ ବର୍ଷର ଜଙ୍ଗଲ ଜମି ବିବାଦ
- ଗାଁ ଛାଡିଲେ କ୍ଷତିଗ୍ରସ୍ତ ଗ୍ରାମବାସୀ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ କପସାଭଟା, ସାରିଆଭଟା ଓ ଲକିପିଖନା ଗ୍ରାମରେ ଜଙ୍ଗଲ ଜମିକୁ ନେଇ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦ ଶନିବାର ଉଗ୍ରରୂପ ନେଇଛି। ଗ୍ରାମବାସୀଙ୍କ ଜଙ୍ଗଲ ଜମିରେ ଚାଷ କରିବାକୁ ବିରୋଧ କରି ବନ ସୁରକ୍ଷା ସମିତିର ସଦସ୍ୟମାନେ କପସାଭଟା, ସାରିଆଭଟା ଓ ଲକିପିଖନା ଗ୍ରାମର ଶତାଧିକ ଏକର ମକା ଫସଲ ନଷ୍ଟ କରିବା ସହ କପସାଭଟା ଗ୍ରାମରେ ଗୋଟିଏ ଘର ଜାଳି ଦେଇଥିବା ଗ୍ରାମବାସୀ କହିଛନ୍ତି।

ସୂଚନା ଅନୁଯାୟୀ, କପସାଭଟା, ସାରିଆଭଟା ଓ ଲକିପିଖନା ଗ୍ରାମରେ ୮୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଛନ୍ତି। ଏମାନେ ସ୍ଥାନୀୟ ଜଙ୍ଗଲ ଜମିରେ ଚାଷକରି ପରିବାର ଚଳାଉଛନ୍ତି। ୨୦୦୫ ରୁ କୁସୁମଗୁଡ଼ା ବନ ସୁରକ୍ଷା ସମିତି ଏହି ତିନି ଗ୍ରାମର ଜନଜାତି ଲୋକଙ୍କୁ ଏଠାରୁ ଉଠାଇବା ପାଇଁ ଦାବି କରିବା ସହ ଜଙ୍ଗଲ ଜମିରେ ଚାଷ କରିବାକୁ ମନା କରୁଥିଲେ। ୨୦୧୪ରେ ଏହାକୁ ନେଇ ବିବଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତବର୍ଷ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାରୁ ତିନି ଗ୍ରାମର ଜନଜାତି ଲୋକେ ଚାଷ କରି ନ ଥିଲେ। ଚଳିତ ବର୍ଷ ବନ ସୁରକ୍ଷା ସମିତି ଚାଷ କରିବାକୁ କହିବାରୁ ଗ୍ରାମବାସୀ ଚାଷ କରିଥିଲେ। ତେବେ ଅଧିକ ଜମିରେ ଚାଷ କରାଯାଇଥିବାରୁ ଶନିବାର ୮ ଖଣ୍ଡ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସମିତି ସଦସ୍ୟ ଗ୍ରାମବାସୀଙ୍କ ମକାଚାଷ ଫସଲ ନଷ୍ଟ କରି ଜମିରେ ଗୋରୁ ଛାଡ଼ି ଦେଇଥିବା ଗ୍ରାମବାସୀ କହିଛନ୍ତି।

ଏହି ବିବାଦକୁ ନେଇ ପୂର୍ବରୁ ଗ୍ରାମବାସୀ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଗ୍ରାମବାସୀ ଉମରକୋଟ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ଚଳିତ ବର୍ଷ ଫସଲ ଅମଳ ପରେ ବିବାଦର ସମାଧାନ କରାଯିବ ବୋଲି ପୋଲିସ କହିଥିଲା। ହେଲେ ମାମଲାର ସମାଧାନ ହେବା ପୂର୍ବରୁ ଶନିବାର ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏମିତିକି ପୋଲିସ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅଟକାଇବା ପାଇଁ ରାସ୍ତାରେ ବନ ସୁରକ୍ଷା ସମିତି ପକ୍ଷରୁ ରାସ୍ତାରେ ଗଛ ପକାଇ ଅବରୋଧ କରାଯାଇଥିଲା। ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ଉମରକୋଟ ଥାନା ଆଇଆଇସି ଦୀପକ କୁମାର ଜେନା, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ ଓ ପୋଲିସ ଫୋର୍ସ ପହଞ୍ଚି ରାସ୍ତାରୁ ଗଛ ହଟାଇ ଗ୍ରାମବାସଙ୍କ ସହ ଆଲୋଚନା କରିଥିଲେ। ତେବେ ଗ୍ରାମବାସୀ ଅଧିକାରୀମାନଙ୍କ କଥା ନ ଶୁଣି ଜିଲାପାଳଙ୍କୁ ସମସ୍ୟା ଜଣାଇବେ କହି ଚାଲିଯାଇଥିଲେ। ବନ ସୁରକ୍ଷା ସମିତି ସହ ଆଲୋଚନା କରିବାକୁ ସିର୍ଲିଗୁଡ଼ା ଯାଇଥିଲେ ମଧ୍ୟ କେହି ଆଲୋଚନା ପାଇଁ ଆସି ନ ଥିଲେ। ଫଳରେ ରବିବାର ବନ ସୁରକ୍ଷା ସମିତି ସଦସ୍ୟ ଏବଂ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଉମରକୋଟ ତହସିଲ ଅଫିସକୁ ନେଇ ଆସିବା ପାଇଁ ତହସିଲଦାର ରେଞ୍ଜରଙ୍କୁ ଦାୟିତ୍ୱ ଦେଇଛନ୍ତି। ଉଭୟ ପକ୍ଷଙ୍କ ଉପସ୍ଥିତିରେ ମାମଲାର ସମାଧାନ କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷରେ ଅପ୍ରୀତିକର ପରିସ୍ଥିତି ନେଇ କ୍ଷତିଗ୍ରସ୍ତ ଗ୍ରାମବାସୀ କିମ୍ବା ବନ ସୁରକ୍ଷା ସମିତି ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କେହି ଅଭିଯୋଗ ନ କଲେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁକରି ତଦନ୍ତ କରିବ ବୋଲି ସେ କହିଛନ୍ତି। ଘଟଣା ନେଇ ବନ ସୁରକ୍ଷା ସମିତି ସଦସ୍ୟ ଗଙ୍ଗାଧର ମାଝି, ପୂର୍ଣ୍ଣ ଗଣ୍ଡ ଜମିରେ ଗୋରୁ ଛାଡ଼ି ମକା ଫସଲ ନଷ୍ଟ କରାଯାଇଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଜନଜାତି ଗ୍ରାମବାସୀ ଜଙ୍ଗଲ ଜମି ଅଧିକାର ନିୟମରେ ପଟ୍ଟା ପାଇଛନ୍ତି। ହେଲେ ସେମାନେ ଏହାଠାରୁ ଅଧିକ ଜଙ୍ଗଲ ଜମି ନଷ୍ଟ କରି ଚାଷ କରୁଥିବା ବନ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ମକାଜମିରେ ଗୋରୁ ଛାଡ଼ି ଫସଲ ନଷ୍ଟ କରିଥିବା ସେମାନେ ସ୍ୱୀକାର କରିଥିବାବେଳେ ଘର ପୋଡ଼ିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସମିତିର ସଦସ୍ୟମାନେ ଗ୍ରାମଠାରୁ ୫୦୦ ମିଟର ଦୂରରେ ଥିବାବେଳେ ଗୋରୁ ଗୁହାଳଗୁଡ଼ିକୁ ଗ୍ରାମବାସୀ ନିଜେ ପୋଡ଼ିଥିବା ସମିତିର ସଦସ୍ୟମାନେ କହିଛନ୍ତି। ଅପରପକ୍ଷେ ବନ ସୁରକ୍ଷା ସମିତି ପକ୍ଷରୁ ଫସଲ ନଷ୍ଟ କରାଯିବା ପରେ ତିନି ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ପରିବାର କିପରି ଚଳିବ ସେହି ଚିନ୍ତାରେ ଥିବା କହିଛନ୍ତି। କୋପସାଭାଟା ଗାଁର ୯୦ ଗ୍ରାମବାସୀ ନବରଙ୍ଗପୁର ଦଳିତ ପାଠାଗାର ଠାରେ ଆଶ୍ରୟ ନେଇଛନ୍ତି। ରବିବାର ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବେ। କ୍ଷତିପୂରଣ ଦାବି ସହ ସୁରକ୍ଷା ନିମନ୍ତେ ଜଣାଇବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ସେମାନେ ଭୋକରେ ଥିବାରୁ ରାଷ୍ଟ୍ରୀୟ କିଷାନ ମଜଦୂର ସଂଘର ଜିଲା ସଭାପତି ଦିବାକର ପୂଜାରୀ ଓ ସମ୍ପାଦକ ଭଗବାନ ବୈରାଗୀ ସେମାନଙ୍କ ଖାଇବା ବ୍ୟବସ୍ଥା କରି ଭତରା ଭବନକୁ ସ୍ଥାନାନ୍ତର କରିଛନ୍ତି। ରାଜ୍ୟର ୩୦ ଜିଲାରୁ ସଙ୍ଗଠନର ସଦସ୍ୟ ଏକାଠି ହେବେ। ଦାବି ପୂରଣ ନ ହେବା ଏବଂ ଅଭିଯୁକ୍ତ ମାନେ ଗିରଫ ନ ହେବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ପୂଜାରୀ କହିଛନ୍ତି।

## ସରକାରୀ ବାଳିକା ବିଦ୍ୟାଳୟର ୧୭ ଛାତ୍ରୀଙ୍କୁ କରୋନା

ଡାବୁଗାଁ,୧୩।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଶନିବାର ସୂଚନା ମିଳିଛି। ସଂକ୍ରମିତ ଛାତ୍ରୀଙ୍କ ମଧ୍ୟରେ ୬ଷ୍ଠ ଶ୍ରେଣୀର ୩ଜଣ, ୭ମ ଶ୍ରେଣୀର ୫, ୮ମ ଶ୍ରେଣୀର ଜଣେ, ୯ମ ଶ୍ରେଣୀର ଜଣେ ଏବଂ ୧୦ମ ଶ୍ରେଣୀର ୭ ଜଣ ରହିଛନ୍ତି। ଏମାନଙ୍କୁ ଥଣ୍ଡାର ଲକ୍ଷଣ ଦେଖାଦେବାରୁ ୧୦ ତାରିଖରେ ସ୍କୁଲ କର୍ତ୍ତୃପକ୍ଷ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ପାଇଁ ନେଇଥିଲେ। ସେମାନଙ୍କ ରିପୋର୍ଟ ପଜିଟିଭ ଥିବା ସୂଚନା ମିଳିଛି। ଏହା ଜଣାପଡ଼ିବା ପରେ ସ୍କୁଲ ପରିସରକୁ ସାନିଟାଇଜ କରାଯିବା ସହ ସମସ୍ତେ ମାସ୍କ ବ୍ୟବହାର କରି ସତର୍କ ରହିବାକୁ କୁହାଯାଇଥିବା ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ କହିଛନ୍ତି।

## ମୁଖ୍ୟ ଡାକଘରେ ମିଳୁନି ତ୍ରିରଙ୍ଗା, ଲୋକେ ନିରାଶ

ରାୟଗଡ଼ା ଅଫିସ,୧୩।୮

**ମୁଖ୍ୟ ଡାକଘରେ ମିଳୁନି ତ୍ରିରଙ୍ଗା, ଲୋକେ ନିରାଶ**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ରାୟଗଡ଼ା ସହରବାସୀ ଅଧିକ ଉତ୍ସାହିତ ଅଛନ୍ତି। ହେଲେ ରାୟଗଡ଼ା ମୁଖ୍ୟ ଡାକଘରେ ଏବଂ ଆଖ ପାଖ ଉପ ଡାକଘରେ ତ୍ରିରଙ୍ଗା ପତାକା ବିକ୍ରି ହେଉନି। ଏହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟକ୍ ସରିଯାଇଥିବାରୁ ଶୁକ୍ରବାର ଠାରୁ ତ୍ରିରଙ୍ଗା ବିକ୍ରି ବନ୍ଦ ହୋଇଛି ବୋଲି ଡାକଘର ଉପ ଅଧୀକ୍ଷକ କହିଛନ୍ତି। ସରକାରଙ୍କ ପକ୍ଷରୁ ଡାକଘରେ ମାତ୍ର ୨୫ ଟଙ୍କା ମୂଲ୍ୟରେ ତ୍ରିରଙ୍ଗା ପତାକା ମିଳୁଥିବା ବେଳେ ରାୟଗଡ଼ା ବଜାରରେ ୫୦ ଟଙ୍କାରୁ ଆରମ୍ଭ କରି ୬ଶହ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଉଛି। ଏଭଳି ପରିସ୍ଥିତିରେ ଡାକଘରେ ଆବଶ୍ୟକ ଅନୁଯାୟୀ ତ୍ରିରଙ୍ଗା ଉପଲବ୍ଧ ନ ଥିବାରୁ ଲୋକେ ନିରାଶ ହୋଇଛନ୍ତି। ରାୟଗଡା ମୁଖ୍ୟ ଡାକଘରେ ୩୦୮୬ ତ୍ରିରଙ୍ଗା ପତାକା ବିକ୍ରିପାଇଁ ଆସିଥିବା ବେଳେ ୨୭ଟି ଅନ୍‌ଲାଇନ୍ ଏବଂ ବଳକା ୩୦୫୯ ଟି କାଉଣ୍ଟରରେ ବିକ୍ରି ହୋଇଛି। ସହରରେ ଥିବା ଉପ ଡାକଘର ଗୁଡ଼ିକୁ ପ୍ରଥମେ ୧୨୫ ଲେଖାଏ ଓ ପରେ ଚାହିଦା ଅନୁଯାୟୀ ବଳକା ପତାକା ଦିଆଗଲା। ତଥାପି ଆହୁରି ୪ ହଜାର ପତାକା ପାଇଁ ଅର୍ଡର କରାଯାଇଥିବା ବେଳେ ତାହା ଏ ପର୍ଯ୍ୟନ୍ତ ପହଞ୍ଚି ନ ଥିବା ମୁଖ୍ୟ ଡାକଘର ଉପ ଅଧୀକ୍ଷକ ଖାତ୍ରୀ କାଳିଦାସ ସୂଚନା ଦେଇଛନ୍ତି। ସମସ୍ତ ଡାକଘରେ ଅଗଷ୍ଟ ୧ ରୁ ୧୪ ପର୍ଯ୍ୟନ୍ତ ୨୫ ଟଙ୍କା ମୂଲ୍ୟରେ ତ୍ରିରଙ୍ଗା ବିକ୍ରି କରାଯିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏଥିସହ ଅନ୍‌ଲାଇନ୍‌ରେ ମଧ୍ୟ କିଣିବାର ସୁବିଧା ରହିଥିଲା। ଦୁଇଦିନ ପୂର୍ବରୁ ବିକ୍ରି ବନ୍ଦ ହୋଇଥିବାରୁ ବ୍ୟବସାୟୀ ଅଧିକ ଦଳରେ ବିକ୍ରିକରୁଛନ୍ତି। ଲୋକେ ବାଧହୋଇ କିଣୁଥିବା ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ମଧ୍ୟ ଭଲ ବ୍ୟବସାୟ କରିଥିବା କହିଛନ୍ତି।

## ୩୧୬୯ କୋର୍ଟ ମାମଲା, ୧୧ ପ୍ରାକ୍ ମକଦ୍ଦମାର ଫଇସଲା

ନବରଙ୍ଗପୁର,୧୩।୮(ବି.ପ୍ର.)

**ରାଷ୍ଟ୍ରୀୟ ଲୋକ ଅଦାଲତ**

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ପକ୍ଷରୁ ଜିଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଡିଏଲ୍ଏସ୍ଏର ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ଅଧକ୍ଷତାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାଜଜ୍ ୨ଟି ଏମ୍ଏସିଟି ମାମଲାର ଫଇସଲା କରି ୧୨,୪୦,୦୦୦ ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ବିଚାରପତି ଡ. ମୁନ ରାନୀ ମିଶ୍ର ୧୪ ପାରିବାରିକ ବିବାଦ ମାମଲାର ସମାଧାନ କରିଛନ୍ତି। ସେଥିମଧ୍ୟରୁ ୪ଟି ମାମଲାରେ ଆପୋସ ମିଳାମିଶା କରାଇଛନ୍ତି। ଅତିରିକ୍ତ ଜିଲାଜଜ୍ ଶିବପ୍ରସାଦ ମିଶ୍ର ଗୋଟିଏ ଏମ୍ଏସିଟି ମାମଲାର ଫଇସଲା କରି ୮,୧୫,୦୦୦ ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ବରିଷ୍ଠ ଦେୱାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ ୮ ଟି ବ୍ୟାଙ୍କ ଋଣ ଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ୧୮,୫୭,୭୪୭ ଟଙ୍କା ଋଣ ଆଦାୟ କରିଛନ୍ତି ଏବଂ ୩ ଟି ଦେୱାନୀ ମକଦ୍ଦମାର ସମାଧାନ କରିଛନ୍ତି। ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା ୧୨୦୧ ଟି ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୩୧୬୯ ଗୋଟି କୋର୍ଟ ମାମଲାର ଫଇସଲା କରାଯାଇଛି। ସେହିପରି ବ୍ୟାଙ୍କର ୧୧ ଟି ପ୍ରାକ୍ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୬,୨୩,୩୬୮ ଟଙ୍କା ଋଣ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲାଜଜ୍(ପୋକ୍‌ସୋ) ପ୍ରଣତୀ ଶାହା, ଜିଲାକୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଡିଏଲ୍ଏସ୍ଏର ସଚିବ ଜନକ ରାଉତ ଲୋକ ଅଦାଲତ ପରିଚାଳନା କରିଥିବାବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।


ଜିଲା ଦୌରାଜଜ୍‌ଙ୍କ ଅଧକ୍ଷତାରେ ଲୋକ ଅଦାଲତରେ ମାମଲାଗୁଡ଼ିକର ଫଇସଲା କରାଯାଉଛି।

## ଘରକୁ ଘର ଯାଇ ତ୍ରିରଙ୍ଗା ଦେଲେ ସରପଞ୍ଚ



ଦୁର୍ଗୀ,୧୩।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ସରପଞ୍ଚ ପଞ୍ଚାୟତ କର୍ମଚାରୀଙ୍କ ସହ ଦୁର୍ଗୀ ସହରର ପ୍ରତ୍ୟେକ ସାହି ଓ ଘରକୁ ଯାଇ ତ୍ରିରଙ୍ଗା ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇଦେବା ସହ ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ କରାଯାଉଥିବାରୁ ଅଗଷ୍ଟ ୧୩ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଘରେ ତ୍ରିରଙ୍ଗା ଲଗାଇବାକୁ ଉତ୍ସାହିତ କରିଥିଲେ।

## 'ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ, ପ୍ରଦର୍ଶନ କରନ୍ତୁ'

ନବରଙ୍ଗପୁର,୧୩।୮(ବି.ପ୍ର.)

ସ୍ୱାଧୀନତାର ୭୫ ବର୍ଷ ପାଳନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏ ନେଇ ଶନିବାର ଜିଲାପାଳ କମଲଲୋଚନ ମିଶ୍ର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଏକ ଆହୁତ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ପ୍ରକାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଜାତୀୟ ପତାକାର ସଠିକ ବ୍ୟବହାର ଓ ସମ୍ମାନ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନବରଙ୍ଗପୁର ଜିଲାରେ ୯୦ ହଜାର ଜାତୀୟ ପତାକା ପହଞ୍ଚିଛି। ଏହା ପ୍ରତି ବ୍ଲକ, ପଞ୍ଚାୟତ ଓ ଗାଁରେ ମାଗଣାରେ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି। ଅଗଷ୍ଟ୧୫ରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ରଥକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଏହା ସେପ୍ଟେମ୍ବର ୭ ରେ ନବରଙ୍ଗପୁରରେ ପହଞ୍ଚିବ। ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ୱାଧୀନତା ସଂଗ୍ରାମ ବିଷୟରେ ଲୋକଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ତ୍ରିରଙ୍ଗା ପତାକାର ବ୍ୟବହାର ପାଇଁ ରହିଥିବା ନିୟମ ପାଳନକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ପତାକା ହସ୍ତତନ୍ତ, ପଲିଷ୍ଟର, ପଶମ ଓ ରେଶମ ଖଦୀ ପଟିରେ ହୋଇ ବ୍ୟବହାର କରାଯାଇ ପାରିବ। ଯେ କୌଣସି ବ୍ୟକ୍ତି, ବେସରକାରୀ ସଂସ୍ଥା ଓ ଶିକ୍ଷାନୁଷ୍ଠାନ ଜାତୀୟ ପତାକାର ମର୍ଯ୍ୟାଦା ଓ ସମ୍ମାନ ଅକ୍ଷୁର୍ଣ୍ଣ ରଖି ଜାତୀୟ ପତାକା ଉତ୍ତୋଳନ ଓ ପ୍ରଦର୍ଶନ କରିପାରିବେ । ନିଜ ଘରେ ଦିନ ଏବଂ ରାତିରେ ଉଡ଼ାଇ ପାରିବେ। ନଷ୍ଟ ହୋଇଥିବା, ରଙ୍ଗ ଛାଡ଼ିବା ଓ ଅପରିଷ୍କାର ପତାକା ପ୍ରଦର୍ଶିତ ହୋଇପାରିବ ନାହିଁ। ନଷ୍ଟ ଓ ଚିରିଯାଇଥିବା ଜାତୀୟ ପତାକାକୁ ଏକାନ୍ତରେ ପୋଡ଼ି ଦିଆଯିବ ।ଏହା କାହାକୁ ଜଣାଯିବନାହିଁ। ଅନ୍ୟ କୌଣସି ପତାକା ସହିତ ଜାତୀୟ ପତାକା ଉଡ଼ାଯିବ ନାହିଁ। ତେବେ କେତେକ ବିଶିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଯାନବାହନରେ ଜାତୀୟ ପତାକା ଉଡ଼ାଯାଇ ପାରିବ ନାହିଁ। ଅନ୍ୟ କୌଣସି ପତାକାକୁ ଜାତୀୟ ପତାକା ଠାରୁ ଅଧିକ ଉଚ୍ଚରେ କିମ୍ବା ଉପରେ କିମ୍ବା ପାଖରେ ସ୍ଥାପନ କରାଯାଇ ପାରିବ ନାହିଁ ବୋଲି ଜିଲାପାଳ କହିଛନ୍ତି। ଏହାର ଖିଲାପ କରାଗଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଓ ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତି ଥିଲେ।


ଖବରଦାତା ସମ୍ମିଳନୀରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

# ସବୁଠି ଭାରତ ମାତା କି ଜୟ ଧ୍ୱନୀ

ତେନ୍ତୁଲିଖୁଣ୍ଟି/ରାଇଘର/ପାପଡାହାଣ୍ଡି/ଝରିଗାଁ, ୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଯୁବ ଗୋଷ୍ଠୀ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ସଚେତନତା ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଶାନ୍ତ କୁମାର ଶତପଥୀ, ଗୋପାଳକୃଷ୍ଣ ନାୟକ, ଶେଖର ଖୁରା, ଯୁବନେତା ସୁରେଶ ନାୟକ, ଧରଣୀଧର ସିଂଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ପକ୍ଷରୁ କୁର୍ମାକୋଟ ମୁଖ୍ୟ ଛକଠାରୁ ପୂଜାରୀଗୁଡ଼ା ଓ ତେନ୍ତୁଲିଖୁଣ୍ଟି ସଦର ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ତେନ୍ତୁଲିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁବଗୋଷ୍ଠୀ ପକ୍ଷରୁ ତ୍ରିରଙ୍ଗା ପତାକା ଧରି 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇ ତେନ୍ତୁଲିଖୁଣ୍ଟି ମୁଖ୍ୟ ଛକ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ବିଡିଓ ଭୋଇଙ୍କ ସମେତ ଯୁବଗୋଷ୍ଠୀର ସଦସ୍ୟ ମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

ରାଇଘର ବ୍ଲକ ସଦର ଠାରେ ମଧ୍ୟ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ସଙ୍ଗଠନର ସଦସ୍ୟ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଠାରୁ ପଦଯାତ୍ରାରେ ବାହାରି ରାଇଘର ସଦର ସ୍ଥିତ ହନୁମାନ ମନ୍ଦିର, ବ୍ଲକ ଛକ ଦେଇ କାଳୀ ସୁନ୍ଦରୀ ସାହି ଗାଁ ମଧ୍ୟରେ ବିଭିନ୍ନ ସାହି ପରିକ୍ରମା କରିଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୋଲିସ ପ୍ରଶାସନ, ଯବାନ ଭାଇଙ୍କ ସମେତ ରାଇଘର ସଦର ମହକୁମାର ସମସ୍ତ ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଲଗାଇବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ରାଇଘର ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ପାପଡ଼ାହାଣ୍ଡିର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା। ଶିଶୁ ମନ୍ଦିର, ଆଦର୍ଶ ବିଦ୍ୟାଳୟ ଓ ୟୁଜିଏମ୍ଇ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ହାତରେ ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ବନ୍ଦେ ମାତରମ୍, ଭାରତ ମାତା କି ଜୟ ଓ ଅଖଣ୍ଡ ଭାରତର ସ୍ଲୋଗାନ ଦେଇ ଦେଶପ୍ରେମ ଭାବ ଜାଗ୍ରତ କରିଥିଲେ। ଲୋକଙ୍କୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସହ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ ଲାଗି ଉତ୍ସାହ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଏଥିରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପୋଷାକରେ ସଜ୍ଜିତ କରାଯାଇଥିଲା।

ଝରିଗାଁ ବ୍ଲକ ସଦର ଠାରେ ମଧ୍ୟ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ୧୩ ବାଟାଲିୟନ ସିଆର୍‌ପିଏଫ୍, ସ୍ଥାନୀୟ ପୋଲିସ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱରାଜ ବିଦ୍ୟାପୀଠ, ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ଭାରତ ମାତାକି ଜୟ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ।


ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରିଛନ୍ତି।

## ପୌର ପରିଷଦ ପକ୍ଷରୁ ତ୍ରିରଙ୍ଗା ପ୍ରଦାନ

ଉମରକୋଟ,୧୩।୮(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦ ପକ୍ଷରୁ ଶନିବାର ମାଗଣାରେ ତ୍ରିରଙ୍ଗା ପତାକା ପ୍ରଦାନ କରାଯାଇଛି। ଅଜାଦୀ କା ଅମୃତ ମହୋତ୍ସବକୁ ଆଡମ୍ବର ସହ ପାଳନ କରିବା ପାଇଁ ପୌର ପରିଷଦ ପକ୍ଷରୁ ୭ ହଜାର ତ୍ରିରଙ୍ଗା ପତାକା ମାଗଣାରେ ଲୋକଙ୍କୁ ଦିଆଯାଇଛି। ପ୍ରତ୍ୟେକ ୱାର୍ଡର ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଏହି ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଛି। ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ପୌର ପରିଷଦକୁ ଡାକି ପ୍ରତ୍ୟକ ୱାର୍ଡରେ ଲୋକଙ୍କୁ ପ୍ରଦାନ କରିବା ପାଇଁ ଦିଆଯାଇଛି। ଅଙ୍ଗନୱାଡି କର୍ମୀମାନେ ଘରକୁ ଯାଇ ତ୍ରିରଙ୍ଗା ପତାକା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୌରଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ପୌର ପରିଷଦର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ଓ ୱାର୍ଡମେମ୍ବର ମନୋଜ ନାୟକ, ନିଲମ ହରିଜନଙ୍କ ସହ ଅନ୍ୟ ୱାର୍ଡମେମ୍ବର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ବିକାଶ ଧିମା

ନବରଙ୍ଗପୁର, ୧୩।୮(ବି.ପ୍ର.)

**ତୁରନ୍ତ ନିଯୁକ୍ତି ନ ମିଳିଲେ କାଉନସିଲରଙ୍କ ଧାରଣା ଚେତାବନୀ**

ସହର ବା ପୌରାଞ୍ଚଳର ବିକାଶ ଓ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ପୌରପାଳିକା ରହିଛି। କିନ୍ତୁ ନବରଙ୍ଗପୁର ପୌରପାଳିକା ଏବେ ନିୟମିତ ପୌର ନିର୍ବାହୀ ଅଧିକାରୀ ବିହୀନ ହୋଇପଡ଼ିଛି । ତେଣୁ ନବରଙ୍ଗପୁର ପୌରପାଳିକାରେ ବିଭିନ୍ନ କାର୍ଯ୍ୟ କାମଚଳା ଭାବେ ହେଉଥିବା ଦେଖିବାକୁ ମିଳିଛି। ନିୟମିତ ନିର୍ବାହୀ ଅଧିକାରୀ ନ ଥିବାରୁ ପୌରପାଳିକା କାଉନସିଲରମାନେ ୱାର୍ଡର ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସମାଧାନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ପୂର୍ବତନ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ କେବଳ ୯ ମାସ ରହି ପୌରପାଳିକା କାର୍ଯ୍ୟଗୁଡ଼ିକ ସୁଚାରୁ ରୂପେ ତୁଲାଇଥିଲେ। ତାଙ୍କ ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ପୌରପାଳିକାରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନାହାନ୍ତି। କିଛିଦିନ ପୂର୍ବରୁ ସରକାରୀ ଚିଠି ପ୍ରକାରେ ବାଲୁଗାଁ ବିଜ୍ଞାପିତ ପରିଷଦ ଅଞ୍ଚଳର ନିର୍ବାହୀ ଅଧିକାରୀ ନବରଙ୍ଗପୁର ପୌରପାଳିକାରେ ଯୋଗଦେବେ ବୋଲି ଜଣାପଡିଛି। କିନ୍ତୁ ସେ ଏଠାରେ ଯୋଗଦେବେ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଜିଲା ପ୍ରଶାସନିକ ଅଧିକାରୀ ପୌରପାଳିକା ନିର୍ବାହୀ ଅଧିକାରୀଭାବେ କାର୍ଯ୍ୟ ତୁଲାଉଛନ୍ତି। ବର୍ତ୍ତମାନ ନୂତନ ପରିଷଦ ଗଠନ ହେବା ପରେ ମଧ୍ୟ ଜଣେ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ଦିଆ ଯାଇନାହିଁ। ଖାସ୍ ଏହି କାରଣରୁ ସହର ବିକାଶ ଚିରାଚରିତ ଢଙ୍ଗରେ ଧିମେଇ ଯାଇଛି। ଏ ନେଇ କାଉନସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ସେ ପୌରପାଳିକା କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ ସମୟ ଦେଇପାରୁ ନ ଥିବାରୁ ପୌରପାଳିକା ବିକାଶ କାର୍ଯ୍ୟ ଆଗେଇପାରୁନି ବୋଲି କାଉନସିଲର ଅମିତ ପ୍ରଧାନ ପ୍ରକାଶ କରିଛନ୍ତି। ଲୋକେ ସମସ୍ୟା ଓ ଅଭିଯୋଗ ନେଇ ପୌର କାର୍ଯ୍ୟାଳୟକୁ ଆସୁଛନ୍ତି। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ୨ରୁ ୩ଟି ପଦବୀ ଦାୟିତ୍ୱରେ ଥିବା ଯୋଗୁ ପୌରପାଳିକାର ଉନ୍ନୟନ, ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିବାରେ ପର୍ଯ୍ୟାପ୍ତ ସମୟ ଦେଇପାରୁ ନ ଥିବାରୁ ସହରର ସମସ୍ୟା ବଢ଼ିବାରେ ଲାଗିଛି ବୋଲି କାଉନସିଲର ଶର୍ମିଷ୍ଠା ଦେଓ ଅଭିଯୋଗ କରିଛନ୍ତି। କାଉନସିଲରମାନେ ୱାର୍ଡ ସମସ୍ୟା ଓ ଅଭିଯୋଗ ନେଇ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସେ ଗୁରୁତ୍ୱ ଦେଉ ନ ଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ନିୟମିତ ନିର୍ବାହୀ ଅଧିକାରୀ ନ ଥିବାରୁ ଲୋକଙ୍କ ଅଭିଯୋଗ ଓ ସମସ୍ୟା ଆଶାନୁରୂପେ ସମାଧାନ ହୋଇପାରୁ ନ ଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ବିକାଶ, ଲୋକଙ୍କ ସମସ୍ୟା ଓ ଅଭିଯୋଗକୁ ଦୃଷ୍ଟିରେ ରଖି ନବରଙ୍ଗପୁର ପୌରପାଳିକାର ଜଣେ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ଦିଗରେ ଜିଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କାଉନସିଲର ଏ. ସତୀଶ, ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓ, ମୁରଲୀ କ୍ରିଷ୍ଣା , ସମେଶ ଖୋରା, ମମତା ମହାରଣା, ପୁନମ ସାହୁ ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। କିଛିଦିନ ମଧ୍ୟରେ ନବରଙ୍ଗପୁର ପୌରପାଳିକାରେ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ନ ହେଲେ କାଉନସିଲରମାନଙ୍କ ପକ୍ଷରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**କୋରାପୁଟରେ ବିଶାଳ ତ୍ରିରଙ୍ଗା ଯାତ୍ରା**

କୋରାପୁଟ,(ସ୍ୱ.ପ୍ର)- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ପାଳୁଛି ଆଜାଦିକା ଅମୃତ ମହୋତ୍ସବ । ଏହି ପରିପେକ୍ଷୀରେ ଜୟପୁର ଓ କୋରାପୁଟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ କୋରାପୁଟ ଜନସାଧାରଣ ତରଫରୁ ବିଶାଳ ୭୫ ଫୁଟ ଲମ୍ବା ତ୍ରିରଙ୍ଗା ନଗର ପରିକ୍ରମା କରାଯାଇଥିଲା । ସ୍ଥାନୀୟ ଗୁଣ୍ଡିଚା ଛକଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ ଉଦ୍‌ଘାଟନ କରିଥିଲେ । ଏଥିରେ କୋରାପୁଟ ସହରର ଜନସାଧାରଣ, ବିଏସଏଫ ଯବାନ, ଓଏସଏପି ଯବାନ, ଜିଲା ପୋଲିସ, କୋରାପୁଟ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମଦ ଜବତ,ଜଣେ ଗିରଫ



ଜୟପୁର, ୧୩।୮ (ନି.ପ୍ର.)- ଦେଶୀ ମଦ ଚାଲାଣ ଚୋରା ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି । ସେ ହେଲେ ହାଡିଆ ଗ୍ରାମର ମାଧବ ହରିଜନ । ଦେଶୀ ମଦ ଚାଲାଣ ହେଉ ଥିବା ଖବର ପାଇ ଆମ୍ଭାଗୁଡା ନିକଟରେ ବିଭାଗ ଚଢ଼ାଉ କରି ମାଧବଙ୍କୁ ଧରିଥିଲା । ତାଙ୍କଠାରୁ ୧୫ ଲିଟର ମଦ ଜବତ ହୋଇଛି ।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୩।୮(ନି.ପ୍ର.)- ୨ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଶନିବାର ଗିରଫ କରିଛି । ସେମାନେ ହେଲେ ବିକ୍ଷୋୟିପୁଟର ଟଙ୍କ ହରିଜନ ଓ ସଲପାର ଭାସ୍କର ହରିଜନ । ବିକ୍ଷୋୟିପୁଟର ଟଙ୍କଙ୍କ ନାମରେ ଥାନାରେ ୨୦୧୬ରୁ ଏକ ମାମଲା ଥିଲା । । ଭାସ୍କରଙ୍କ ନାମରେ ମଧ୍ୟ ୨୦୨୦ରୁ ମାମଲା ରହିଥିଲା । ସେବେଠାରୁ ଉଭୟେ ଫେରାର ଥିଲେ । ସେମାନେ ଗ୍ରାମକୁ ଆସିଥିବା ସୂଚନା ପାଇ ଶନିବାର ପୋଲିସ ଚଢ଼ାଉ ସେମାନଙ୍କୁ ଗିରଫ କରିଥିଲା । ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ

ମାଲକାନଗିରି, ୧୩।୮ (ଡି.ଏନ୍.ଏ.)- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଗତ ତିନିଦିନ ଧରି ମାଲକାନଗିରି ଜିଲାର କାଲିମେଲା ବ୍ଲକରେ କାର୍ଯ୍ୟରତ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରା ଯାଉଛି । ବିଭିନ୍ନ ବିଦ୍ୟାଳୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବକେନ୍ଦ୍ର ପାଇଁ ତ୍ରିରଙ୍ଗା ପତାକା ଓ ମିଷ୍ଟାନ୍ନ ବଣ୍ଟନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ ମିଶି ରାଲି ମଧ୍ୟ ଆୟୋଜନ କରାଯାଉଛି । ତେଲରାଇ, କତାଗୁଡା, କାଲିମେଲାରେ ଏହି କାର୍ଯ୍ୟକ୍ରମ ଚାଲିଛି । କାର୍ଯ୍ୟକ୍ରମ ଫାଉଣ୍ଡେଶନର କର୍ମକର୍ତ୍ତାଙ୍କ ସହ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଭିନ୍ନ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ ।

### ପୌର ପରିଷଦ ପକ୍ଷରୁ ତ୍ରିରଙ୍ଗା ପତାକା ବଣ୍ଟନ କାର୍ଯ୍ୟକ୍ରମ

ମାଲକାନଗିରି, ୧୩।୮ (ଡି.ଏନ୍.ଏ.)- ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମାଲାକାନଗିରି ପୌର ପରିଷଦ ପକ୍ଷରୁ ସମସ୍ତଙ୍କ ଘରକୁ ତ୍ରିରଙ୍ଗା ପତାକା ବଣ୍ଟନ କରିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶନିବାର ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ ବାରିକଙ୍କ ନେତୃତ୍ୱରେ ପୌର ପରିଷଦର ସମସ୍ତ କର୍ମଚାରୀ ମାଲକାନଗିରି ସହରରେ ପ୍ରତି ଦୋକାନ, ବଜାର, ସାହି ଓ ଘର ଘର ବୁଲି ତ୍ରିରଙ୍ଗା ପତାକା ବଣ୍ଟନ କରି ଘରେ ଘରେ ପତାକା ଲଗାଇଥିଲେ ।

# ବଦଳୁଛି ବିଦ୍ୟାଳୟ ରୂପ, ବଦଳୁନି ଶିକ୍ଷା ବ୍ୟବସ୍ଥା

ସୁନାବେଡ଼ା, ୧୩।୮ (ସ୍ୱ.ପ୍ର.)




ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ମାତ୍ର ଶିକ୍ଷା ଓ ଶିକ୍ଷାଦାନ ମାନ ବଦଳୁନି । କୋରାପୁଟ ବ୍ଲକ ଅଧୀନରେ ଥିବା ପଦ୍ମପୁର ଗ୍ରାମପଞ୍ଚାୟତର ନିଘାମାନିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି । ୫-ଟି ଯୋଜନାରେ ଗତ କିଛି ମାସ ତଳେ ବିଦ୍ୟାଳୟର ଉନ୍ନତୀକରଣ କରାଯାଇଛି । ମାତ୍ର ଶିକ୍ଷକଙ୍କ ସଂଖ୍ୟା ବୃଦ୍ଧି କରାଯାଇନାହିଁ । ଏଠାରେ ପଢୁଥିବା ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ରହିଛନ୍ତି ମାତ୍ର ୬ ଶିକ୍ଷକ । ସରକାର ସ୍କୁଲଗୁଡିକର ପୁନରୁଦ୍ଧାର କରୁଥିବା ବେଳେ ଶିକ୍ଷକ ଅଭାବକୁ ଗୁରୁତ୍ୱ ଦେଉ ନ ଥିବା ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହେଉଛି । ଏହା ବ୍ୟତୀତ ଏଠାରେ ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ହେଲା ବିଜ୍ଞାନ ଶିକ୍ଷକ ନାହାନ୍ତି । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ସୃଷ୍ଟି ହେଉଛି । ସେଥିଲାଗି ଛାତ୍ରୀଛାତ୍ରମାନେ ଠିକ୍‌ରେ ପାଠ ପଢ଼ିପାରୁନାହାନ୍ତି । ଏ ନେଇ ସ୍କୁଲ ପରିଚାଳନା କମିଟି ବାରମ୍ବାର

**୪ଶହ ପିଲାଙ୍କୁ ୬ ଶିକ୍ଷକ**

ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ନିକଟରେ ପୁଣି ଥରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଲାଗି ପରିଚାଳନା କମିଟି ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି । ଏହାର ଏକ ନକଲ ସ୍ଥାନୀୟ ବିଧାୟକଙ୍କ ନିକଟକୁ ପଠାଯାଇଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ସନ୍ତୋଷ ଶତପଥୀ, ଜିତେନ୍ଦ୍ର ସାହୁ, ତ୍ରିପତି ପାଣିଗ୍ରାହୀ, ସୁବୋଧ ଚେଟି, ଏସ୍.ଏନ୍. ସାହୁ, ମଙ୍ଗଳା ମାଝି, ମୁନି ଖରା, କୁନୁ ବେନିଆ ପ୍ରମୁଖ କହିଛନ୍ତି ।






ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଛାତ୍ରୀମାନଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା । କୋରାପୁଟ ଜିଲା ସୁନାବେଡାରେ ଅମୃତ ମହୋତ୍ସବ ଅବସରରେ ବାହାରିଥିବା ଶୋଭାଯାତ୍ରା ।

## କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ମ୍ୟୁନିସିପାଲିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ କର୍ମକର୍ତ୍ତାମାନେ ସହର ପରିକ୍ରମା କରୁଛନ୍ତି ।

କୋରାପୁଟ, ୧୩।୮ (ସ୍ୱ.ପ୍ର)

ଆଜାଦି କା ଅମୃତ ମହୋତ୍ସବ ଅବସରରେ କୋରାପୁଟ ମ୍ୟୁନିସିପାଲଟି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ମୁନିସପାଲଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ପଡାଲ, ଉପାଧ୍ୟକ୍ଷ ସବିତା ପଣ୍ଡା, ଜିଲା ବିଜେଡି ଉପ ସଭାପତି, ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକଙ୍କ ସହ ସମସ୍ତ କାଉନସିଲର, କର୍ମଚାରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱଚ୍ଛସାଥୀମାନେ ଯୋଗଦେଇ ଥିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ । କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ସହରର ସମସ୍ତ ୱାର୍ଡ ପରିକ୍ରମା କରି ଘରଗୁଡିକରେ ତ୍ରିରଙ୍ଗା ପତାକା ଲଗାଇଥିଲେ ।

## ବଜରଙ୍ଗ କମିଟି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ

ମାଲକାନଗିରି, ୧୩।୮ (ଡି.ଏନ.ଏ.):

ମାଲକାନଗିରି ଜିଲା ପଦ୍ମଗିରି ଗ୍ରାମରେ ବଜରଙ୍ଗ କମିଟି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ଓ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ୩ ଦିନ ଧରି ପାଳନ ହେବ । ଶନିବାର ପ୍ରଥମ ଦିନରେ କମିଟି ସଦସ୍ୟମାନେ ଘରକୁ ଘର ବୁଲି ସମସ୍ତଙ୍କୁ ତ୍ରିରଙ୍ଗା ଲଗାଇବା ପାଇଁ ସଚେତନ କରାଇବା ସହ ଅଞ୍ଚଳର ବଜାର ଓ ଗ୍ରାମର ମୁଖ୍ୟ ରାସ୍ତା ସଫେଇ କରିଥିଲେ । ସମସ୍ତଙ୍କୁ ନିଜ ପରିବେଶ ସଫା ରଖିବାକୁ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ଦିନରେ ପଦ୍ମଗିରି ଗ୍ରାମର ଉନ୍ନତିମୂଳକ କାମ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପଦକ୍ଷେପ ନେବେ । ତୃତୀୟ ତଥା ସ୍ୱାଧୀନତା ଦିବସରେ ସ୍ୱାଧୀନତା ଦିବସ ପାଳନ ସହ ଗ୍ରାମର ପ୍ରତିଭା ଓ ବର୍ଷ ସାରା ସେବା ଦେଉଥିବା ବ୍ୟକ୍ତିଙ୍କୁ ସମ୍ମାନିତ ଏବଂ ଏକ ରକ୍ତଦାନ ଶିବିର କରାଯିବାକୁ ଯୋଜନା ରହିଛି । କାର୍ଯ୍ୟକ୍ରମରେ ପଦ୍ମଗିରି ବଜରଙ୍ଗ କମିଟିର ସଭାପତି ସୁଜିତ କିର୍ତ୍ତନିଆ, ଉପ ସଭାପତି ଅଚିନ୍ତା ମଣ୍ଡଳ, ପଦ୍ମଗିରି ସରପଞ୍ଚ ସୁନାଧର ମାଡକାମି, ପଦ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅନୁପମ ଜେନା ଏବଂ କମିଟିର ସାମିଲ ହୋଇଥିଲେ ।



ବଜରଙ୍ଗ କମିଟି ପକ୍ଷରୁ ପଦ୍ମପୁର ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି ।

# ବଣ୍ଡା ଯୁବତୀଙ୍କୁ ପୁରସ୍କୃତ କଲେ ଏସ୍‌ପି

ମାଲକାନଗିରି, ୧୩।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଥିବା ବଣ୍ଡା ଜନଜାତିର ଝିଅ କର୍ମା ମୁଦୁଲି ଯୁକ୍ତ ୨ ବାଣିଜ୍ୟରେ ଚଳିତ ବର୍ଷ ପରୀକ୍ଷା ଦେଇ ମୋଟ ୮୨.୬୬ ପ୍ରତିଶତ ମାର୍କ ରଖି ମାଲକାନଗିରି ଜିଲାରେ ଟପ୍ପର ହୋଇଥିଲେ । ଜଣେ ବଣ୍ଡା ଯୁବତୀଙ୍କ ଏଭଳି ସଫଳତା ଜିଲା ପାଇଁ ଗୌରବ ହୋଇଥିବାରୁ




ପୁରସ୍କୃତ ହୋଇଥିବା କର୍ମା ।

**ଯୁକ୍ତ ୨ ବାଣିଜ୍ୟରେ ହୋଇଥିଲେ ଜିଲା ଟପ୍ପର**

ତାଙ୍କୁ ଆହୁରି ଅଧିକ ପ୍ରୋତ୍ସାହିତ କରିବା ପାଇଁ ଶନିବାର ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନି ପୁରସ୍କୃତ କରିଛନ୍ତି । ମାଲକାନଗିରି କନିଷ୍ଠ ମହିଳା ବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ପି କର୍ମାଙ୍କୁ ପ୍ରଶଂସା କରିବା ସହ ପୁରସ୍କାର ପ୍ରଦାନ କରି ଆହୁରି ଆଗକୁ ଅଧିକ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ, ଅଧାପିକା ଅଧାପିକାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଟିମ୍ ଉଇ କ୍ୟାନ୍ ସଦସ୍ୟମାନେ ସହଯୋଗ କରିଥିଲେ ।

## ବିଭିନ୍ନ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୩।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ଥିତ ଡିଏଭି ଗୁରୁକୁଳ ପକ୍ଷରୁ ୭୫ ତମ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଶନିବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରାଜଲକ୍ଷ୍ମୀ ଦାସ, ସରସ୍ୱତୀ ଖରା ଓ ମିନି ନାୟକ ପରିଚାଳନା କରିଥିଲେ । ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ତ୍ରିରଙ୍ଗା ପତାକା ଧରି ଚିତ୍ରକୋଣ୍ଡା କଲୋନୀ ଏବଂ ସହରରେ ଶୋଭାଯାତ୍ରା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । ସେହିଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମଧ୍ୟ ୭୫ ତମ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କୁଡୁମୁଲୁଗୁମ୍ମା ଦେୱାନୀ ଅଦାଲତରେ ଲୋକ ଅଦାଲତ

ମାଲକାନଗିରି/କୁଡୁମୁଲୁଗୁମ୍ମା, ୧୩।୮ (ଡି.ଏନ.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ତହସିଲରେ ଥିବା ଦେୱାନୀ ଅଦାଲତ ପରିସରରେ ଶନିବାର ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୋଟ ୩୨ଟି ମାମଲାର ଶୁଣାଣି କରାଯାଇଥିଲା । ଦେୱାନୀ ବିଚାରପତି ତଥା ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁମନ୍ତ କୁମାର ପଟ୍ଟନାୟକ ସମସ୍ତ ମାମଲାର ବିଚାରକରି ରାୟ ଶୁଣାଣି କରି ଦଣ୍ଡବିଧାନ କରିଥିଲେ । ଦଣ୍ଡବିଧାନ ବାବଦରେ ୩୨ ମାମଲାରୁ ମୋଟ ୫୩,୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଏହାକୁ ଆଇନଜୀବୀ ସରୋଜ କୁମାର ସାହୁ ଓ ବିଷ୍ଣୁପ୍ରସାଦ ନାଲା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିଲ ଚନ୍ଦ୍ର ପ୍ରେମ, କିରାଣି ବୃନ୍ଦାବନ ପଣ୍ଡା, ସଂଗ୍ରାମ ମହାରଣା, ସୁପ୍ରିୟା ରାୟଙ୍କ ସହ ଅଦାଲତର କର୍ମଚାରୀମାନେ ସହଯୋଗ କରିଥିଲେ ।




କୁଡୁମୁଲୁଗୁମାରେ ଅନୁଷ୍ଠିତ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ ।

## ରାଖୀ ବାନ୍ଧିବାକୁ ଯାଇ ନ ପାରି ବିଷ ପିଇଲେ ମହିଳା

ପଡିଆ, ୧୩।୮ (ଡି.ଏନ.ଏ)

ରାଖୀ ବାନ୍ଧିବାକୁ ବାପ ଘରକୁ ଯାଇ ନ ପାରିବାରୁ ଜଣେ ମହିଳା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ସେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି । ମାଲାକନଗିରି ଜିଲା ପଡିଆ ବ୍ଲକ ଶିମିଳିବାଞ୍ଚା ଅନ୍ତର୍ଗତ ଏମଭି-୬୨ ଗ୍ରାମରେ ଏପରି ଘଟଣା ଘଟିଛି । ଗିରକାନପଲି ପଞ୍ଚାୟତର ଏମପିଭି ୫୬ ଗ୍ରାମର ଅରବିନ୍ଦ ସରକାରଙ୍କ ଝିଅ ଗୌରୀ ସରକାରଙ୍କୁ ଏମଭି-୬୨ ଗ୍ରାମର ସୁଜନ ସର୍ଦ୍ଦାର ଗତ ଛଅ ମାସ ତଳେ ବିବାହ କରିଥିଲେ । ପବିତ୍ର ରାଖୀ ପୂର୍ଣ୍ଣମା ଅବସରରେ ଗୌରୀ ନିଜ ବାପ ଘରକୁ ଯାଇ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ ଚାହିଁଥିଲେ । ଏବେ ଚାଷବାସ କାମ ଅଧିକ ଥିବାରୁ ତାଙ୍କୁ ବାପ ଘରକୁ ନ ଯିବାକୁ ସ୍ୱାମୀ ସୁଜନ ବୁଝାଇଥିଲେ । ଏହି କଥାକୁ ନେଇ ଗୌରୀ ଶୁକ୍ରବାର ସମସ୍ତେ ଚାଷ ଜମିକୁ ଚାଲି ଯିବା ପରେ ବିଷ ପିଇ ଦେଇଥିଲେ । ଏନେଇ ତାଙ୍କଠାରେ କୌଣସି ଶାରୀରିକ ଅସୁସ୍ଥତା ପରିଲକ୍ଷିତ ହୋଇ ନ ଥିଲା । ଶନିବାର ହଠାତ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକଙ୍କୁ ସେ ବିଷ ପିଇଥିବା କହିଥିଲେ । ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି ।

## ଛାତ୍ରୀଛାତ୍ର ପାଳିଲେ ଅମୃତମହୋତ୍ସବ

ଲକ୍ଷ୍ମୀପୁର ୧୩।୮ ( ସ୍ୱ.ପ୍ର. )

ଲକ୍ଷ୍ମୀପୁର ବ୍ଲକ କାକିରି ଗୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ଅମୃତ ମହୋତ୍ସବ ପାଳିଛନ୍ତି । ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ତୁଷାରକାନ୍ତ ଠାକୁରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ୩୨୬ ନଂ. ଜାତୀୟ ରାଜପଥ ବଜାର ଦେଇ ଦମନଯୋଡି ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଶିଶୁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ସଜିତ ହୋଇ ଜାତୀୟ ପତାକା ଧରି ବନ୍ଦେ ମାତରମ, ମାତା କି ଜୟ ଧ୍ୱନି ଦେଇ ଦେଶାତ୍ମବୋଧ ସଂଗୀତ ଗାଇ ସହର ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା । କାକିରିଗୁମା ପୋଲିସ, ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଜଳନ୍ଧର ବାଘ ପରିଚଲନା କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟରେ ମଧ୍ୟ ଦେଶାତ୍ମବୋଧ ସଂଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତଯୋଗିତା ହୋଇଥିଲା

# କୋରାପୁଟରେ ବିଏସ୍‌ଏଫ୍ ପକ୍ଷରୁ ମିନି ମାରାଥନ, ରଶ୍ମିରଞ୍ଜନ ପ୍ରଥମ

କୋରାପୁଟ, ୧୩।୮ (ସ୍ୱ.ପ୍ର.)

ଆଜାଦିକା ଅମୃତ ମହୋତ୍ସବ ଅବସରରେ କୋରାପୁଟସ୍ଥିତ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ଶନିବାର ଏକ ମିନି ମାରାଥାନ ଆୟୋଜିତ ହୋଇଯାଇଛି । କୋରାପୁଟ କନିଷ୍ଠ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଏସ୍‌ଏଫ-୬୫ ବାଟାଲିୟନର ଦୁର୍ଗପତି ଟି.ଏନ.ଏସ ରେଡ୍ଡି ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ସବୁଜ ପତାକା ଦେଖାଇ ୧୦ କିମି ବିଶିଷ୍ଟ ଏହି ମିନି ମାରାଥାନର ଶୁଭାରମ୍ଭ କରିଥିଲେ । କୋରାପୁଟ ବିଏସଏଫ ସେକ୍ଟର ଦୁର୍ଗପତି ଭି.କୁମାର ସୋଲାଙ୍କି ଓ ବିଏସଏଫ-୧୫୧ ବାଟାଲିୟନର ଦୁର୍ଗପତି ଅଜୟ କୁମାର ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ବି,ସଏଫ ଯବାନ, ଆଇଆରବି ପ୍ରଥମ ବାଟାଲିୟନ, ଓଏସ୍‌ଏପି ତୃତୀୟ ବାଟାଲିୟନ, କୋରାପୁଟ ବିଜ୍ଞାନ ଇଣ୍ଟନ୍ୟାଶନାଲ ମହାବିଦ୍ୟାଳୟ, ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୁନାବେଡା ସାଇ ସ୍ପୋର୍ଟସ କ୍ଲବ, କୋରାପୁଟ ସ୍ପୋର୍ଟସ ହଷ୍ଟେଲ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ, ଲାଣ୍ଡିଗଗୁଡାସ୍ଥିତ ଜବାହାରଲାଲ ନବୋଦୟ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, କୋରାପୁଟ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ବିଜେତାଙ୍କୁ ନଗଦ ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ରଶ୍ମିରଞ୍ଜନ ନାୟକ ପ୍ରଥମ ସ୍ଥାନ ଅଧିକାର କରି ନଗଦ ୫ ହଜାର ଟଙ୍କା ଓ ପ୍ରମାଣପତ୍ର ହାସଲ କରିଥିଲେ । ଘାସିରାମ ବୋରା ଦ୍ୱିତୀୟ ସ୍ଥାନ ହାସଲ କରି ନଗଦ ୩ ହଜାର ଟଙ୍କା ଓ ପ୍ରମାଣ ପତ୍ର ହାସଲ ଏବଂ ଦ୍ରିଶାନ୍ତ ପଣ୍ଡା ୧୦ କିମି ମାରାଥାନା ବର୍ଗରେ ତୃତୀୟ ସ୍ଥାନ ହାସଲ କରି ନଗଦ ୨ ହଜାର ଟଙ୍କା ଓ ପ୍ରମାଣପତ୍ର ପାଇଥିଲେ । ଏହି ମିନି ମାରାଥାନ ସମୟରେ ଟାଉନଥାନା ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ।

## ତ୍ରିରଙ୍ଗାମୟ ବଣ୍ଡାଘାଟି

ମାଲକାନଗିରି, ୧୩।୮ (ଡି.ଏନ.ଏ.)

ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଭାରତ ପାଳୁଛି ଅମୃତ ମହୋତ୍ସବ । କଶ୍ମୀରରୁ କନ୍ୟାକୁମାରୀ ଓ ଲାଲକିଲ୍ଲାରୁ ପଲ୍ଲୀ ଏବଂ ଗାଁରୁ ସହର ସବୁଠି ବର୍ତ୍ତମାନ ତ୍ରିରଙ୍ଗା ରଙ୍ଗରେ ରଙ୍ଗେଇ ହୋଇଛି ପୂରା ଦେଶ । ଏହି ଉତ୍ସବ ପାଳନରେ ସାମିଲ ହୋଇଛନ୍ତି ମାଲକାନଗିରି ଜିଲାର ଆଦିମ ଜନଜାତି ବଣ୍ଡାଘାଟିରେ ଥିବା ବଣ୍ଡା ଜନଜାତିର ଲୋକେ । ମୁଦୁଲିପଡ଼ା ବିଏସ୍‌ଏଫ୍ ଓ ବଣ୍ଡା ଲୋକେ ମିଳିତ ରୂପେ ବଣ୍ଡାଘାଟିର ମୁଦୁଲିପଡ଼ାରେ ପାଳନ କରିଛନ୍ତି ଏହି ଅମୃତ ମହୋତ୍ସବ । ଏଥିସହ ନିଜ ଘରେ ତ୍ରିରଙ୍ଗା ପତାକା ଲଗାଇ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ।

# ଆଜାଦୀକା ଅମୃତ ମହୋତ୍ସବରେ ଜୟପୁରରେ ଶୋଭାଯାତ୍ରା

ଜୟପୁର, ୧୩।୮ (ନି.ପ୍ର.)

ଜୟପୁର ସହରରେ ଧୁମ ଧାମର ସହ ପାଳିତ ହୋଇଛି ଆଜାଦୀକା ଅମୃତ ମହୋତ୍ସବ । ପାୱାର ହାଉସ ଛକ୍‌ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ମୁଖ୍ୟ ଟ୍ରାଫିକ ଛକ ନିକଟରେ ପହଞ୍ଚିଥିଲା । ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ସହ ସହରରେ ଘରେ ଦୋକାନରେ, ବ୍ୟବସାୟ ପ୍ରତିଷ୍ଠାନରେ ଜାତୀୟ ପତାକାରେ ସୁଜିତ କରାଯାଇଥିଲା । ପାୱାର ହାଉସ ଛକ୍‌ଠାରୁ ଜାତୀୟ ପତକା ଧରି ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ରେ ମୁଖ୍ୟଅତିଥି ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ରୂପେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର, ଏସପି ବରୁଣ ଗୁଣ୍ଟୁପାଲି , ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ବିଏସଏଫ, ସିଆରପିଏଫ, ପୋଲିସ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ବିଭିନ୍ନ ସାମାଜିକ, ବ୍ୟବସାୟିକ ଅନୁଷ୍ଠାନ ସହ ଜୟପୁରବାସୀ ଅଂଶଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ପହଞ୍ଚି ବିରାଟ ଜାତୀୟ ପତାକାକୁ ବିଧାୟକ ବାହିନୀପତି ଉତ୍ତୋଳନ କରିଥିଲେ । ଜୟପୁରର ସମସ୍ତ ବ୍ଲକରେ ମଧ୍ୟ ସ୍କୁଲ ଓ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି । କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକଙ୍କ ମାଟି ହୋଇଥିବାରୁ ଆସନ୍ତା ୧୫ ଅଗଷ୍ଟରୁ ଅକ୍ଟୋବର ୨ ତାରିଖ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଶୋଭାଯାତ୍ରା ରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ଜିଲା ଚିକିତ୍ସାଧିକାରୀ ଅରୁଣ ପାଢୀ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଆରଓ ଯୋଶଦା ଗାଧବା, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



କୋରାପୁଟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଶନିବାର ବିଏସ୍‌ଏଫ୍ ପକ୍ଷରୁ ଆୟୋଜିତ ମିନିମାରାଥନ ।




ମାଲକାନଗିରିରେ ବିଏସ୍‌ଏଫ୍ ପକ୍ଷରୁ ମହୋତ୍ସବ ପାଳନ କରାଯାଉଛି ।




ଜୟପୁରରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା ।

